# କୃଷି ସୂଚନା ସେବା (ଧାନ)

## ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରାଳୟ ଦ୍ୱାରା ସୂଚିତ କୋଭିଡ୍-୧୯ ର ସମସ୍ତ ନିୟମାବଳୀ ଓ ସାଧାରଣ ସତର୍କତା ବ୍ୟବସ୍ଥା ଅନୁଯାୟୀ କୃଷି କାର୍ଯ୍ୟ କରିବା ପାଇଁ ପରାମର୍ଶ**

## ୨୦୨୧ ମସିହା ଜାନୁୟାରୀ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

### (୧) ଶାରଦ ଧାନ

- କ୍ଷେତରେ ଶତକଡା ୮୦-୮୫ ଭାଗ ଧାନ କେଣ୍ଡା ପାଚିଗଲାପରେ ଧାନକୁ ଦାଆ କିମ୍ବା କମ୍ବାଇନ୍ ହାରଭେଷ୍ଟର କିମ୍ବା ରିପର୍ ଦ୍ୱାରା କାଟି ଅମଳ କରିଦିଅନ୍ତୁ । ଅମଳ ପରେ ଧାନକୁ ଭଲଭାବରେ ଶୁଖାଇ ବିହନ ପାଇଁ ଶତକଡା ୧୨ ଭାଗ ଆର୍ଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ଶତକଡା ୧୪ ଭାଗ ଜଳୀୟ ଅଂଶ ଥିବା ଅବସ୍ଥାରେ ସାଇତି ରଖିବା ଆବଶ୍ୟକ । ପ୍ରତ୍ୟେକ ଧାନ କିସମକୁ ଅଲଗା ଅଲଗା ଧାନ ବସ୍ତାରେ ସାଇତି ରଖନ୍ତୁ ।

- ଚାଷୀମାନଙ୍କୁ ଉପଦେଶ ଦିଆଯାଉଛି କି ନିଜ ପାଇଁ ବିହନ ସଂଗ୍ରହ କରିବା ସମୟରେ ସାଆଁରା ରୋଗାକ୍ରାନ୍ତ ଧାନକେଣ୍ଡାର ଧାନକୁ ବିହନ ସହିତ ମିଶାଇ ରଖିବେ ନାହିଁ ।

- ଧାନ ଠିକ୍‌ଭାବେ ଶୁଖିଯିବାପରେ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା **'ସୁପର ଗ୍ରେନ ବସ୍ତା'** ରେ ସାଇତି ରଖିଲେ ଧାନ ଅଧିକ ଦିନ ପର୍ଯ୍ୟନ୍ତ ସୁରକ୍ଷିତ ରଖାଯାଇପାରିବ ।

- ଧାନ ସାଇତି ରଖିଥିବା ବସ୍ତା ବା କୋଠାରୀରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍‌ଲେଟ୍ (ସମୁଦାୟ ୯ ଗ୍ରାମ୍ ଟାବ୍‌ଲେଟ୍) କନାରେ ଗୁଡାଇ ରଖନ୍ତୁ । ଏହା ଉପରେ ଭଲଭାବେ ତାରପୋଲିନ୍ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କା ଜାଗା ନ ରୁହେ । କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା ଓ ତାରପୋଲିନ୍‌ର ଚାରିପଟେ କାଦୁଅ କିମ୍ବା ସେଲୋଟେପ୍ ଦେଇ ଭଲରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠାରୀ ବା ବସ୍ତାର ମୁହଁ ଭଲଭାବରେ ବନ୍ଦ ରଖନ୍ତୁ । ଲୋକ ଚଳପ୍ରଚଳ କରୁଥିବା ଜାଗାରେ ଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

- ଯଦି କେଣ୍ଡାକଟା ସାଁବାଳୁଆ ଦେଖାଯାଏ ତେବେ ଏକର ପିଛା କୁଇନାଲଫସ୍ ୨୫ ଇ.ସି. ୪୦୦ ମି.ଲି. କିମ୍ବା କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ପତ୍ରସିଞ୍ଚନ କରନ୍ତୁ । ଏହାକୁ ସକାଳ ସମୟରେ ଗଛର ତଳ ଭାଗରେ ପ୍ରୟୋଗ କରିବା ଆବଶ୍ୟକ ।

- ଧାନ ଅମଳ ସମୟରେ ମୂଷା ମଧ୍ୟ କ୍ଷତି ଘଟାଇପାରେ । ମୂଷାକୁ ନିୟନ୍ତ୍ରଣ କରିବା ପାଇଁ ମୂଷା ଗାତକୁ ଚିହ୍ନଟ କରି ତା ଉପରେ କାଦୁଅ ଲିପି ଗାତ ବନ୍ଦ କରିଦିଅନ୍ତୁ । ତା ପରଦିନ ଯେଉଁ ଗାତମୁହଁ ଖୋଲା ଥିବ ସେ ଗାତରେ ଆଲୁମିନିୟମ୍ ଫସ୍‌ଫାଇଡ୍ ୬% ବଟିକା (ଗୋଟେ ବଟିକା ୧୨ ଗ୍ରାମ୍) କନାରେ ବାନ୍ଧି ଗାତ ପିଛା ଗୋଟିଏ ରଖି ଗାତ ମୁହଁକୁ କାଦୁଅରେ ବନ୍ଦ କରିଦିଅନ୍ତୁ ।

- ଚାଷୀ ଭାଇମାନଙ୍କୁ ଅନୁରୋଧ କରାଯାଉଛି କି ଅମଳ ପରେ ବିଲରେ ଥିବା ପାଳ ବା ନଡାକୁ ନିଆଁ ଲଗାନ୍ତୁ ନାହିଁ । ଏହାଦ୍ୱାରା ପରିବେଶର ଅନେକ କ୍ଷତି ହୋଇଥାଏ ।

### (୨) ଡାଲୁଆ ଧାନ

- ଖରାଦିନିଆ ଧାନ ଚାଷ ନିମନ୍ତେ ଭଲ ଧାନ ବିହନ ସଂଗ୍ରହ କରନ୍ତୁ । ଧାନ କିସମ ଯଥା- ସି.ଆର୍.ଧାନ-୬୦୧, ସି.ଆର୍.ଧାନ-୬୦୨, ଲଲାଟ, ଉନ୍ନତ ଲଲାଟ, ନବୀନ, ବୀଣାଧାନ-୧୧, ସି.ଆର୍.ଧାନ-୩୧୦,

ସି.ଆର୍.ଧାନ-୨୦୫, ସି.ଆର୍.ଧାନ-୨୦୬, MTU-୧୦୦୧, MTU-୧୦୧୦, ଶତାବ୍ଦୀ ଇତ୍ୟାଦି ବ୍ୟବହାର କରନ୍ତୁ । ଉପକୂଳିଆ ଲୁଣି ଅଞ୍ଚଳ ପାଇଁ ଲୁଣାସଂଖୀ କିସମ ବ୍ୟବହାର କରନ୍ତୁ ।

## (୨.୧) ରୁଆ ଧାନ

- କାଦୁଅ ତଳିଘରା ପାଇଁ ୧୨୦ ସେ.ମି. ପ୍ରସ୍ଥ ଓ ସୁବିଧା ଅନୁଯାୟୀ ଲମ୍ବା ତଳି ପଟାଳିମାନ ପ୍ରସ୍ତୁତ କରନ୍ତୁ । ଦୁଇ ତଳି ପଟାଳି ମଧ୍ୟରେ ୩୦ ସେ.ମି. ବ୍ୟବଧାନର ନାଳି ରଖନ୍ତୁ । ଏକ ଏକର ଜମିରେ ରୁଆ ଧାନ କରିବା ପାଇଁ ୩୨୦ ବର୍ଗମିଟର ତଳିଘରା ପ୍ରସ୍ତୁତ କରନ୍ତୁ ।

- ତଳିଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ଧାନ ବିହନ ପାଇଁ ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. କିମ୍ବା ୧ କି.ଗ୍ରା. ଧାନ ବିହନ ପାଇଁ ୧୦ ଗ୍ରାମ୍ ଟ୍ରାଇକୋଡର୍ମା/ସିଡୋମୋନାସ୍ ବିଶୋଧକ ଏକ ଲିଟର ପାଣି ହିସାବରେ ଦ୍ରବଣ ପ୍ରସ୍ତୁତ କରି ବିହନକୁ ବିଶୋଧନ କରନ୍ତୁ ।

- ଏକ ଏକର ରୁଆ ଧାନ ନିମନ୍ତେ ଅଧିକ ଅମଳକ୍ଷମ ଧାନ ପାଇଁ ୧୪ ରୁ ୧୬ କି.ଗ୍ରା. ଅଧିକ ଅମଳକ୍ଷମ ଧାନ କିସମ ବ୍ୟବହାର କରନ୍ତୁ । ଗଜା ଧାନକୁ ସମାନ ଭାବରେ ତଳିଘରାରେ ବୁଣନ୍ତୁ ।

- ତଳିଘରାକୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ ଧାନ ବୁଣିବା ପରେ ତଳିଘରା ଉପରେ ଶୁଖିଲା ଗୋବର ଖତର ଏକ ପତଳା ସ୍ତର ପକାନ୍ତୁ । ଅପରାହ୍ନ ସମୟରେ ବୋରୱେଲ ଦ୍ୱାରା ତଳିଘରାରେ ଜଳସେଚନ କରନ୍ତୁ । ଅତ୍ୟଧିକ ଥଣ୍ଡାହେଲେ ରାତିରେ ତଳିଘରାକୁ ପଲିଥିନ୍ ସାହାଯ୍ୟରେ ଘୋଡାଇ ରଖନ୍ତୁ ଏବଂ ଦିନ ବେଳେ ବାହାର କରିଦିଅନ୍ତୁ ।

- ତଳିଘରାରେ ମୂଳସାର ହିସାବରେ ବର୍ଗମିଟର ପିଛା ୨.୫ କି.ଗ୍ରା. ସଢ଼ା ଗୋବର ଖତ ସହିତ ଯବକ୍ଷାରଜାନ:ଫସଫରସ୍:ପଟାସ୍ ସାରକୁ ୨.୫: ୧୦ : ୫ ଗ୍ରାମ୍ ଅନୁପାତରେ ପ୍ରୟୋଗ କରନ୍ତୁ । ଏହା ସହିତ ୦.୫ ଗ୍ରାମ୍ ଜିଙ୍କ୍ ପ୍ରୟୋଗ କରନ୍ତୁ । ବିହନ ବୁଣିବାର ୧୫ ଦିନ ପରେ ବର୍ଗମିଟର ପିଛା ୨.୫ ଗ୍ରାମ୍ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

- ତଳିଘରାକୁ ନାଳିରେ ପାଣି ମଡାନ୍ତୁ । ତଳି ଉପାଡିବାର ୨ ରୁ ୩ ଦିନ ପୂର୍ବରୁ ତଳିଘରାରେ ୨ ରୁ ୩ ସେ.ମି. ଠିଆ ପାଣି ରଖନ୍ତୁ ।

- ତଳିଘରାରେ ଘାସ ନିୟନ୍ତ୍ରଣ ପାଇଁ ଧାନ ବୁଣିବାର ୩ ରୁ ୫ ଦିନ ପରେ ଘାସମରା ଔଷଧ ପାଇରାଜୋସଲଫ୍ୟୁରାନ୍-ଇଥାଇଲ ୧୦ % ଡବ୍ଲ୍ୟୁ.ପି. (ସାଥି) ଏକର ପିଛା ୮୦ ଗ୍ରାମ୍ ପ୍ରୟୋଗ କରନ୍ତୁ କିମ୍ବା ଧାନ ବୁଣିବାର ୧୦ ରୁ ୧୨ ଦିନ ପରେ କିମ୍ବା ୨ ରୁ ୩ ପତ୍ର ବିଶିଷ୍ଟ ଘାସ ନିୟନ୍ତ୍ରଣ କରିବା ପାଇଁ ବିସ୍‌ପାଇରିବାକ୍ ସୋଡିୟମ୍ (ନୋମିନି ଗୋଲ୍ଡ) ୧୨୦ ମି.ଲି. ୧୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ଯଦି ଉକୁଣିଆ ପୋକ ଦେଖାଯାଏ, ତେବେ ଏକର ପ୍ରତି ଆଜାଡିରାକ୍ଟିନ୍ ୮୦୦ ମି.ଲି. କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୨୦୦ ମି.ଲି. କିମ୍ବା ଥାଇମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ ।

- ତଳିଘେରାରେ କାଣ୍ଡବିନ୍ଧା ପୋକର ନିରୀକ୍ଷଣ ପାଇଁ, ଯୌନ ସମେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ହୋଇଯିବ, ତେବେ ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା କ୍ଲୋରାନଟ୍ରାନିଲିପ୍ରୋଲ ୪% ଜି.ଆର୍ ୪ କେ.ଜି ଔଷଧ କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା. ସମାନ ପରିମାଣର ଶୁଖିଲା ବାଲିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ ଏସ୍.ସି. ୬୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ଯଦି ବକାନି ରୋଗ ଦେଖାଯାଏ ତେବେ କାର୍ବାଣ୍ଡେଜିମ୍ ୫୦ ଡବ୍ଲ୍ୟୁ.ପି ୧ କି.ଗ୍ରା. ୧ ଲିଟର ପାଣିରେ ମିଶାଇ ୭ ରୁ ୧୦ ଦିନ ବ୍ୟବଧାନରେ ପ୍ରୟୋଗ କରନ୍ତୁ ।

- ପତ୍ରାଚ୍ଛାଦ ପୋଡା ରୋଗ ଦମନ ପାଇଁ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. ୦.୪ ଗ୍ରାମ୍ କିମ୍ବା ଆଇସୋପ୍ରୋଥିଓଲେନ୍ ୪୦ ଇ.ସି. ୧.୫ ମି.ଲି. ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହାକୁ ୭ ରୁ ୧୦ ଦିନ ବ୍ୟବଧାନରେ ପୁଣି ଥରେ ପ୍ରୟୋଗ କରନ୍ତୁ ।

- ଯଦି ପତ୍ରଚିତ୍ତା ରୋଗ ଦେଖାଯାଏ ତେବେ ୧ ଲିଟର ପାଣିରେ ପ୍ରୋପିକୋନାଜୋଲ୍ ୨୫ ଇ.ସି. ୧ ମି.ଲି. କିମ୍ବା ମ୍ୟାଙ୍କୋଜେବ୍ ୭୫ ଡବ୍ଲ୍ୟୁ.ପି କିମ୍ବା କାର୍ବାଣ୍ଡେଜିମ୍ ୫୦ ଡବ୍ଲ୍ୟୁ.ପି ୨ ଗ୍ରାମ୍ କିମ୍ବା କାର୍ବାଣ୍ଡେଜିମ୍ ୬୪%+ ମ୍ୟାଙ୍କୋଜେବ୍ ୮% ୭୫ ଡବ୍ଲ୍ୟୁ.ପି. ୧.୫ ଗ୍ରାମ୍ ମିଶାଇ ପ୍ରୟୋଗ କରନ୍ତୁ ।

- ପତ୍ରପୋଡା ରୋଗ ଦେଖାଗଲେ କାର୍ବାଣ୍ଡେଜିମ୍ ୨ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୧ ମି.ଲି.୧ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ଠିକ୍ ସମୟରେ ରୁଆ କାମ କରିବାପାଇଁ ମୁଖ୍ୟ ଜମିକୁ ପୂର୍ବରୁ ପ୍ରସ୍ତୁତ କରନ୍ତୁ ।

## (୨.୨) କାଦୁଅ ବୁଣା ଧାନ

- ତଳି ଭଲ ବଢ଼ିବା ଏବଂ ଚେର ମାଟିକୁ ଧରିବା ପାଇଁ ଜମିରେ ପତଳା ପାଣି ସ୍ତର ରଖନ୍ତୁ ।

- ଘାସ ନିୟନ୍ତ୍ରଣ ପାଇଁ ବେନ୍‌ସଲଫ୍ୟୁରାନ୍-ମିଥାଇଲ୍ ସହିତ ପ୍ରିଟିଲାକ୍ଲୋର ଦାନାଦାର ଏକରକୁ ୪ କି.ଗ୍ରା. ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ଧାନ ବୁଣିବାର ୧୦ ରୁ ୧୨ ଦିନ ପରେ କିମ୍ବା ୨ ରୁ ୩ ପତ୍ର ବିଶିଷ୍ଟ ଘାସ ନିୟନ୍ତ୍ରଣ କରିବା ପାଇଁ ବିସ୍‌ପାଇରିବାକ୍ ସୋଡିୟମ୍ (ନୋମିନି ଗୋଲ୍ଡ) ୧୨୦ ମି.ଲି. ୧୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ପିଲ ବାହାରିବା ସମୟରେ ମୂଳସାର ହିସାବରେ ଏକର ପ୍ରତି ୨୬ କି.ଗ୍ରା. ୟୁରିଆ ପ୍ରୟୋଗ କରନ୍ତୁ ।

- କାଣ୍ଡବିନ୍ଧା ପୋକ ନିରୀକ୍ଷଣ ପାଇଁ ଏକର ପିଛା ୩ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ନିମ୍ବମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ୮୦୦ ମି.ଲି. କିମ୍ବା ଏକର ପିଛା କ୍ଲୋରାନ୍ ଟ୍ରାନିଲିପ୍ରୋଲ୍ ୪% ଜି.ଆର୍. ୪ କି.ଗ୍ରା. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା.କୁ ୧:୧ ବା ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍ ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

- ଯଦି ବକାନି ରୋଗ ଦେଖାଯାଏ ତେବେ କାର୍ବାଣ୍ଡେଜିମ୍ ୫୦ ଡବ୍ଲ୍ୟୁ.ପି ୧ କି.ଗ୍ରା. ୧ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ୭ ରୁ ୧୦ ଦିନ ପରେ ଆଉ ଥରେ ପ୍ରୟୋଗ କରନ୍ତୁ ।

******